1961
---
ଏପ୍ରିଲ 3

# ମେସର୍ସ ଜୀବନଲାଲ (1929) ଲିମିଟେଡ୍, କଲିକତା

ବନାମ

ଏହାର ଶ୍ରମିକ

(ପି. ବି. ଗଜେନ୍ଦ୍ରଗଡକର ଏବଂ କେ. ଏନ୍. ୱାଞ୍ଚୁ, ନ୍ୟାୟାଧୀଶବୃନ୍ଦ)

*ଶିଳ୍ପ ବିବାଦ- ଗ୍ରାଚ୍ୟୁଇଟି -'ନିରନ୍ତର ସେବା'- ଶିଳ୍ପ ବିବାଦର ଅଧିନିୟମର ବ୍ୟାଖ୍ୟା 1947 (14/1947) ।*

ଭାନୁ ବଳ ନାମକ ଜଣେ ବ୍ୟକ୍ତି 1929 ମସିହାରେ ଜଣେ ଶ୍ରମିକ ଭାବେ ଆବେଦନକାରୀଙ୍କ ସେବାରେ ଯୋଗ ଦେଇଥିଲେ ଏବଂ 1957 ମସିହାରେ ଇସ୍ତଫା ଦେଇଥିଲେ । ତାଙ୍କ ସେବାର ଏହା ଅବଧିରେ ସେ ଫେବୃଆରୀ, 1945 ରୁ ଅକ୍ଟୋବର, 1945 ମଧ୍ୟରେ ପ୍ରାୟ 8 ମାସ ବିନା ଅନୁମତିରେ କିମ୍ବା ଛୁଟିରେ କର୍ତ୍ତବ୍ୟରୁ ଅନୁପସ୍ଥିତ ରହିଥିଲେ । କମ୍ପାନୀ ଏବଂ ଏହାର କର୍ମଚାରୀଙ୍କ ମଧ୍ୟରେ କରାଯାଇଥିବା ଏକ ଅଧିନିର୍ଣ୍ଣୟ ଅଧୀନରେ ଏକ ଯୋଜନା ପ୍ରସ୍ତୁତ କରାଯାଇଥିଲା ଯେଉଁଥିରେ ସମ୍ପୃକ୍ତ ଧାରାଟି ଥିଲା ଯେ "ସ୍ୱେଚ୍ଛାକୃତ ଅବସର କିମ୍ବା 15 ବର୍ଷ ନିରନ୍ତର ସେବା ପରେ ଜଣେ କର୍ମଚାରୀଙ୍କ ଇସ୍ତଫା ଉପରେ ସମାନ ହାରରେ ଗ୍ରାଚ୍ୟୁଇଟି ପ୍ରଦାନ କରାଯିବ"।

ଭାନୁ ବାଲାଙ୍କୁ ଗ୍ରାଚ୍ୟୁଇଟି ପ୍ରଦାନ କରିବା ପ୍ରସଙ୍ଗରେ ବିବାଦ ସୃଷ୍ଟି ହୋଇଥିଲା, ଯିଏ ଉକ୍ତ ଧାରାର ସୁବିଧା ଦାବି କରିଥିଲେ ଏବଂ କମ୍ପାନୀ ଏହି ଦାବିକୁ ଏହି ଆଧାରରେ ଅସ୍ୱୀକାର କରିଥିଲା ଯେ ଉକ୍ତ କର୍ମଚାରୀ ଆବଶ୍ୟକ ଅବଧି ପାଇଁ ନିରନ୍ତର ସେବାରେ ନଥିଲେ କାରଣ ତାଙ୍କ ଚାକିରିରେ ବିରତି ଥିଲା ଏବଂ ଏହା ତାଙ୍କ ନିଯୁକ୍ତିର ନିରନ୍ତରତା ଉପରେ ପ୍ରଭାବ ପକାଇଥିଲା ଯାହା ତାଙ୍କୁ ଦାବି କରିବାକୁ ଅକ୍ଷମ କରିଥିଲା ।

ପ୍ରଶ୍ନଟି 1951ର ଅଧିନିର୍ଣ୍ଣୟରେ ଥିବା "ନିରନ୍ତର ସେବା" ଶବ୍ଦର ବ୍ୟାଖ୍ୟା ବିଷୟରେ ଥିଲା ।

ଭିନ୍ନ ଭିନ୍ନ ସନ୍ଦର୍ଭରେ, ଗୋଟିଏ ଶବ୍ଦର ଅନେକ ସମୟରେ ଭିନ୍ନ ଭିନ୍ନ ଅର୍ଥ ଥାଇପାରେ ଏବଂ "ନିରନ୍ତର ସେବା" ଅଭିବ୍ୟକ୍ତି ସର୍ବଦା ଏକ ତଥ୍ୟଗତ ପ୍ରଶ୍ନ ଭାବରେ ପ୍ରତ୍ୟେକ ମାମଲାର ପରିସ୍ଥିତି ଉପରେ ନିର୍ଭର କରିବ ଯେ ଜଣେ ନିର୍ଦ୍ଦିଷ୍ଟ କର୍ମଚାରୀ ଆବଶ୍ୟକ ଅବଧି ପାଇଁ ସେବାର ନିରନ୍ତରତା ଦାବି କରିପାରିବେ କି ନାହିଁ ।

ଯେଉଁଠାରେ "ନିରନ୍ତର ସେବା" ଅଭିବ୍ୟକ୍ତିଟି ବୈଧାନିକ ଭାବରେ ବ୍ୟାଖ୍ୟା କରାଯାଇଥିଲା, ସେତେବେଳେ ଏହି ସଂଜ୍ଞାଟିର ପ୍ରାଧାନ୍ୟ ରହିବ; ଏବଂ ଯେଉଁଠାରେ ଏକ ନିର୍ଣ୍ଣୟ ନିଜେ ସେହି ଅଭିବ୍ୟକ୍ତିର ଏକ ସଂଜ୍ଞା ଦେଇଥିଲା ଯାହା ନିର୍ଣ୍ଣୟରୁ ଉତ୍ପନ୍ନ ଦାବିଗୁଡ଼ିକର ମୁକାବିଲା କରିବାରେ ପକ୍ଷମାନଙ୍କୁ ବାନ୍ଧି ରଖିବ, କିନ୍ତୁ ଯେଉଁଠାରେ ଅଧିନିର୍ଣ୍ଣୟ "ନିରନ୍ତର ସେବା" ଅଭିବ୍ୟକ୍ତି ବ୍ୟାଖ୍ୟା କରିନଥିଲା ଏବଂ ଅନ୍ୟ ଆଇନରେ ଥିବା କୌଣସି ବୈଧାନିକ ସଂଜ୍ଞାର ଭୌତିକ ସହାୟତାର ନେଇନଥିଲା, ସେଠାରେ ନୀତିଗତ ଭାବରେ ପ୍ରଶ୍ନକୁ ଯାଞ୍ଚ କରିବା ଏବଂ କୌଣସି ପ୍ରଦତ୍ତ ଅଧିନିର୍ଣ୍ଣୟରେ ଅଭିବ୍ୟକ୍ତିର ଅର୍ଥ କ 'ଣ ହେବା ଉଚିତ ତାହା ସ୍ଥିର କରିବା ଆବଶ୍ୟକ ହେବ ।

" ନିରନ୍ତର ସେବା " ଗ୍ରାଚୁଇଟି ଯୋଜନା ସନ୍ଦର୍ଭରେ,ନିଯୁକ୍ତିଦାତା ଓ କର୍ମଚାରୀଙ୍କ ମଧ୍ୟରେ ମାଲିକ ଓ ସେବକଙ୍କ ସମ୍ପର୍କର ନିରନ୍ତରତାକୁ ପ୍ରତିପାଦିତ କରେ ଯାହାକି ଏହି ସମ୍ପର୍କ ଉଭୟ ପକ୍ଷର କାର୍ଯ୍ୟାନୁଷ୍ଠାନ ଦ୍ୱାରା ଯଥା ଇସ୍ତଫା କିମ୍ବା ସେବା ସମାପ୍ତ ହେବା ଦ୍ୱାରା କିମ୍ବା ଆଇନ ଅନୁଯାୟୀ ସମାପ୍ତ ହୋଇପାରେ; କିନ୍ତୁ ସେବାର ନିରନ୍ତରତା କେବଳ ଜଣେ କର୍ମଚାରୀ ଛୁଟି ନନେଇ ଅନୁପସ୍ଥିତ ଥିବାରୁ ସମାପ୍ତ ହେବ ନାହିଁ; ଯଦିଓ ଏପରି କିଛି ମାମଲା ରହିବ ଯେଉଁଠାରେ ଦୀର୍ଘ ଅନଧିକୃତ ଅନୁପସ୍ଥିତି ଯୁକ୍ତିଯୁକ୍ତ ଭାବରେ ଏକ ଅନୁମାନକୁ ଜନ୍ମ ଦେଇପାରେ ଯେ କର୍ମଚାରୀଙ୍କ ଦ୍ୱାରା ଏହିପରି ସେବା ପରିତ୍ୟାଗ କରାଯାଇଛି ।

ଗ୍ରାଚ୍ୟୁଇଟି ଉଦ୍ଦେଶ୍ୟରେ କେବଳ ଏକ ବେଆଇନ ଧର୍ମଘଟରେ ଅଂଶଗ୍ରହଣ କରିବା ସେବାର ନିରନ୍ତରତାରେ ଭଙ୍ଗ ବୋଲି କୁହାଯାଇପାରିବ ନାହିଁ, ଯଦିଓ ଏହା ସମାପ୍ତି ପାଇଁ ଏକ ଭଲ କାରଣ ହୋଇପାରେ, ଯଦି ସେହି ଉଦ୍ଦେଶ୍ୟରେ ସ୍ଥାୟୀ ଆଦେଶରେ ପ୍ରାସଙ୍ଗିକ ବ୍ୟବସ୍ଥା ପାଳନ କରାଯାଏ ତେବେ ଏହା ସମାପ୍ତି ପାଇଁ ଏକର ପ୍ରକୃଷ୍ଟ କାରଣ ହୋଇପାରେ ।

ବକିଂହାମ୍ ଏବଂ କାର୍ନାଟିକ୍ କମ୍ପାନୀ ଲିମିଟେଡ୍ ବନାମ ବକିଂହାମ୍ ଏବଂ କାର୍ନାଟିକ୍ କମ୍ପାନୀ ଲିମିଟେଡ୍ର ଶ୍ରମିକମାନେ, [1953] ଏସ୍. ସି. ଆର୍. 219, ବିଶିଷ୍ଟ ।

ବଜ ବଜ ମ୍ୟୁନିସିପାଲିଟି ବନାମ ପି. ଆର. ମୁଖାର୍ଜୀ, [1953] 1 ଏଲ. ଏଲ. ଜେ. 195, ମାମଲଟି ଉଲ୍ଲେଖ କରାଯାଇଛି ।

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 264/1960 ।

1961
ମେସର୍ସ ଜୀବନଲାଲ (1929) ଲିମିଟେଡ୍, କଲକତା
ବନାମ
ଏହାର ଶ୍ରମିକ

ବମ୍ବେ ଶିଳ୍ପ ନ୍ୟାୟାଧିକରଣଙ୍କ ଅକ୍ଟୋବର 12,1959 ତାରିଖର (ଆଇଟି) ରେଫରେନ୍ସ ସଂଖ୍ୟା 81/1959ର ଅଧିନିର୍ଣ୍ଣୟରୁ ବିଶେଷ ଅନୁମତି ଦ୍ୱାରା ଏହି ଆବେଦନ I

*ଆବେଦନକାରୀଙ୍କ ତରଫରୁ ଏସ୍. ଟି. ଦେଶାଇ, ସୁକୁମାର ଘୋଷ ଏବଂ ବି. ଏନ୍. ଘୋଷ* ଆବେଦନ କରିଥିଲେ I

*ଉତ୍ତରଦାତାମାନଙ୍କ ପାଇଁ ସି. ଏଲ୍. ଧୁଡିଆ ଏବଂ କେ. ଏଲ୍. ହାଥି* I

1961, ଏପ୍ରିଲ, 3 ତାରିଖରେ ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଯାଇଥିଲା I

ନ୍ୟାୟାଧୀଶ ଗଜେନ୍ଦ୍ରଗଡକାରୀଙ୍କ ଦ୍ୱାରା- ଶିଳ୍ପ ନ୍ୟାୟାଧିକରଣଙ୍କ 28 ଏପ୍ରିଲ, 1951ର ରେଫରେନ୍ସ ସଂଖ୍ୟା 168/1950 ରେ ପାରୀତ ହୋଇଥିବା ଅଧିନିର୍ଣ୍ଣୟ ଯାହା ଏହାକୁ ଶିଳ୍ପ ବିବାଦ ଅଧିନିୟମ 1947ର ଧାରା 36A (2) ଅଧୀନରେ କରାଯାଇଥିଲା, ଏହାର ଅଧିନିର୍ଣ୍ଣୟ ବିରୁଦ୍ଧରେ ବିଶେଷ ଅନୁମତି ଦ୍ୱାରା ଏହି ଆବେଦନ I ଏହା ପ୍ରତୀୟମାନ ଯେ ଏହି ବିବାଦଟି 1950 ମସିହାରେଆବେଦନକାରି ଜୀବନଲାଲ ଲିମିଟେଡ (1929) ଏବଂ ଏହାର ଶ୍ରମିକମାନଙ୍କ ମଧ୍ୟରେ ଉପୁଜିଥିଲା ଯାହା ଆବେଦନକାରୀଙ୍କ ବିରୋଧରେ ଉତ୍ତରଦାତାମାନଙ୍କ ଦ୍ୱାରା କରାଯାଇଥିବା କେତେକ ଦାବି ସମ୍ବନ୍ଧରେ ବିବାଦରୁ ସୃଷ୍ଟି ହୋଇଥିଲା I ଉକ୍ତ ବିବାଦକୁ ବିଚାର ପାଇଁ ପଠାଯାଇଥିଲା ଯାହାର ଫଳସ୍ୱରୂପ ଏକ ଅଧିନିର୍ଣ୍ଣୟ ପାରିତ ହୋଇଥିଲା, ଯାହା ଅନ୍ୟାନ୍ୟ ବିଷୟ ସହିତ, ଏକ ଗ୍ରାଚ୍ୟୁଇଟି ଯୋଜନା ପାଇଁ ବ୍ୟବସ୍ଥା ପ୍ରଦାନ କରିଥିଲେ I ଏହି ଅଧିନିର୍ଣ୍ଣୟର କେତେକ ବ୍ୟବସ୍ଥା ବର୍ତ୍ତମାନର ପ୍ରସଙ୍ଗରେ ବ୍ୟାଖ୍ୟା ପାଇଁ ପଠାଯାଇଛି I

ଅଗଷ୍ଟ 31,1957ରେ, ଆବେଦନକାରୀଙ୍କ କର୍ମଚାରୀ ଭାନୁ ବଳଙ୍କ ଦ୍ୱାରା ଦାଖଲ ହୋଇଥିବା ଇସ୍ତଫା ଆବେଦନକାରୀଙ୍କ ଦ୍ୱାରା ଗ୍ରହଣ କରାଯାଇଥିଲା I ଉକ୍ତ କର୍ମଚାରୀ 1929 ରେ ଆବେଦନକାରୀଙ୍କ ସେବାରେ ଯୋଗ ଦେଇଥିଲେ କିନ୍ତୁ ପ୍ରାୟ 8 ମାସ ପାଇଁ ତାଙ୍କ ସେବାର ନିରନ୍ତରତାରେ ବିରତି ଥିଲା କାରଣ ସେ ଫେବୃଆରୀ 14,1945 ରୁ ଅକ୍ଟୋବର 1945 ଶେଷ ପର୍ଯ୍ୟନ୍ତ ବିନା ଅନୁମତିରେ କିମ୍ବା ଛୁଟିରେ କର୍ତ୍ତବ୍ୟରୁ ଅନୁପସ୍ଥିତ ରହିଥିଲେ I ଆବେଦନକାରୀଙ୍କ ଅନୁଯାୟୀ ଉକ୍ତ କର୍ମଚାରୀ ଅଧିନିର୍ଣ୍ଣୟ ଦ୍ୱାରା ପ୍ରସ୍ତୁତ ଯୋଜନା ଅଧୀନରେ କୌଣସି ଗ୍ରାଚ୍ୟୁଇଟି ପାଇବାକୁ ହକଦାର ନୁହଁନ୍ତି I ତଥାପି ଆବେଦନକାରୀ ତାଙ୍କୁ ଅନୁକମ୍ପା ଆଧାରରେ 1, 165 ଟଙ୍କା ଏବଂ କିଛି ପ୍ରଦାନ କରିଥିଲେ I କର୍ମଚାରୀ ସେହି ରାଶି ଗ୍ରହଣ କରିବାକୁ ରାଜି ନଥିଲେ କାରଣ ସେ

1961
मेसर्स जीवनलाल (1929) ଲିମିଟେଡ୍, କଲକତା ବନାମ ଏହାର ଶ୍ରମିକ

2, 282.50 ତାଙ୍କ ପାଇବାକୁ ହକଦାର ଥିଲେ ବୋଲି ଦର୍ଶାଇଥିଲେ । ଏହିପରି ଭାବରେ କର୍ମଚାରୀଙ୍କ ଦ୍ୱାରା କରାଯାଇଥିବା ଦାବି ଏକ ଶିଳ୍ପ ବିବାଦ ସୃଷ୍ଟି କରିଥିଲା ଯାହା କର୍ମଚାରୀଙ୍କ ଦ୍ୱାରା ବମ୍ବେର ପ୍ରଥମ ଶ୍ରମ ନ୍ୟାୟାଳୟଙ୍କ ନିକଟରେ ଅଧିନିୟମର ଧାରା 33C ଆଧାରରେ ଆବେଦନ କରାଯାଇଥିଲା । ଶ୍ରମ ନ୍ୟାୟାଳୟ ଏହି ଆବେଦନକୁ ଗ୍ରହଣ କରି, କର୍ମଚାରୀଙ୍କ ସପକ୍ଷରେ ବିବାଦର ନିଷ୍ପତ୍ତି ନେଇଥିଲେଏବଂ କର୍ମଚାରୀଙ୍କୁ, ଆବେଦନକାରି ଗ୍ରାଚ୍ୟୁଇଟି ଭାବେ 1, 781·80 ଟଙ୍କା ପ୍ରଦାନ କରିବାକୁ ନିଷ୍ପତି ପ୍ରଦାନ କରିଥିଲେ । ଏହା ପରେ ଆବେଦନକାରି ବମ୍ବେ ଉଚ୍ଚନ୍ୟାୟାଳୟରେ ଅନୁଛେଦ 226 ଏବଂ 227 ଅନୁଯାୟୀ ଏକ ଆଜ୍ଞାଦେଶ ଆବେଦନ କରିଥିଲେ, ଯେଉଁଥିରେ ସେ ଦର୍ଶାଇଥିଲେ ଯେ ଶ୍ରମ ଅଦାଲତଙ୍କର କର୍ମଚାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନ ଉପରେ ବିଚାର କରିବାର ଅଧିକାରିତା ନଥିଲା । ଆବେଦନକୁ ଅନୁମତି ପ୍ରଦାନ କରାଯାଇଥିଲା ଏବଂ ଶ୍ରମ ନ୍ୟାୟାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ଆଜ୍ଞାଦେଶ ଆବେଦନକୁ ରଦ୍ଦ କରାଯାଇଥିଲା । ଏହି ପର୍ଯ୍ୟାୟରେ ବମ୍ବେ ସରକାର 1951 ମସିହାର ଅଧିନିର୍ଣ୍ଣୟରେ ଥିବା "ନିରନ୍ତର ସେବା" ଶବ୍ଦର ବ୍ୟାଖ୍ୟା ପ୍ରଶ୍ନକୁ ଅଧିନିୟମର ଧାରା 36A (1) ଅନୁଯାୟୀ ଶିଳ୍ପ ଅଦାଲତକୁ ପଠାଇଥିଲେ । ଏହିପରି ଭାବରେ ଶିଳ୍ପ ନ୍ୟାୟାଳୟ ଏହି ମାମଲାର ଦାୟିତ୍ୱ ଗ୍ରହଣ କରିଥିଲେ । ଏହା ନିର୍ଣ୍ଣୟ ନେଇଥିଲେ ଯେ ନ୍ୟାୟାଧିକରଣ ଅଧିନିର୍ଣ୍ଣୟ ପ୍ରସ୍ତୁତ କରିବା ସମୟରେ ବ୍ୟବହାର କରିଥିବା "ନିରନ୍ତର ସେବା" ଶବ୍ଦର ଅର୍ଥ ହେଉଛି, ଯେ ନିଯୁକ୍ତିଦାତା କିମ୍ବା କର୍ମଚାରୀ କିମ୍ବା ଆଇନର କାର୍ଯ୍ୟକାରିତା ଦ୍ୱାରା ନିଯୁକ୍ତିର ଚୁକ୍ତିନାମା ସମାପ୍ତ ହେବା ଦ୍ୱାରା ସେବା ସମାପ୍ତି ହୋଇନାହିଁ କିମ୍ବା ବାଧାପ୍ରାପ୍ତ ହୋଇନାହିଁ । ଏହି ବ୍ୟାଖ୍ୟାର ସଠିକତାକୁ, ଅବେଦନକାରୀ ବର୍ତମାନର ଅବେଦନରେ ଆପତ୍ତି କରିଛନ୍ତି ।

ନ୍ୟାୟାଧିକରଣଙ୍କ ଦ୍ୱାରା ପୂର୍ବ ସନ୍ଦର୍ଭରେ, ଗ୍ରାଚ୍ୟୁଇଟି ଯୋଜନାର ପ୍ରସ୍ତୁତ ହୋଇଥିବା ପ୍ରାସଙ୍ଗିକ ଅଂଶ ଏହିପରି ଥିଲା :

(i) କମ୍ପାନୀର ଚାକିରି କାର୍ଯ୍ୟରତ ଥିବା ସମୟରେ ମୃତ୍ୟୁ ହେଲେ କିମ୍ବା ଜଣେ କର୍ମଚାରୀ ଶାରୀରିକ କିମ୍ବା ମାନସିକ ବିକଳାଙ୍ଗ ହୋଇଗଲେ, ପ୍ରତ୍ୟେକ ବର୍ଷର ସେବା ପାଇଁ ଅଧ ମାସର ମଜୁରୀ ତାଙ୍କୁ କିମ୍ବା ତାଙ୍କ ଉତ୍ତରାଧିକାରୀ, ତତ୍ତ୍ୱାବଧାରକ, ନିଯୁକ୍ତ କିମ୍ବା ମନୋନୀତ ବ୍ୟକ୍ତିଙ୍କୁ ସର୍ବାଧିକ ଦଶ ମାସର ମଜୁରୀ ପ୍ରଦାନ କରାଯିବ।

(ii) (ii) ପାଞ୍ଚ ବର୍ଷର ନିରନ୍ତର ସେବା ପରେ କମ୍ପାନୀ ଦ୍ୱାରା ତାଙ୍କର ସେବା ସମାପ୍ତ ହେବା ପରେ"ଉପରୋକ୍ତ ସମାନ ହାରରେ ନିରନ୍ତର ସେବା ଗ୍ରାଚ୍ୟୁଇଟି ପ୍ରଦାନ " ।

(iii) (iii) ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିବା କିମ୍ବା ଜଣେ କର୍ମଚାରୀଙ୍କ 15 ବର୍ଷର ନିରନ୍ତର ସେବା ପରେ ଇସ୍ତଫା ଦେବା ଉପରେ"ଉପରୋକ୍ତ ସମାନ ହାରରେ ଗ୍ରାଚ୍ୟୁଇଟି ପ୍ରଦାନ " ।

ଯେପରି ଆମେ ପୂର୍ବରୁ ଦେଖିଛୁ ଯେ କର୍ମଚାରୀ ଭାନୁ ବଲ ଇସ୍ତଫା ଦେଇଥିଲେ ଏବଂ ତାଙ୍କ ଇସ୍ତଫା ଅଗଷ୍ଟ, 1957 ରେ ଗ୍ରହଣ କରାଯାଇଥିଲା । ସେ ଧାରା (iii) ର ସୁବିଧା ଦାବି କରିଥିବାବେଳେ ଆବେଦନକାରୀ ଯୁକ୍ତି କରିଥିଲେ ଯେ ଉକ୍ତ କର୍ମଚାରୀ ଆବଶ୍ୟକ ଅବଧି ପାଇଁ ନିରନ୍ତର ସେବାରେ ନିଯୁକ୍ତ ହୋଇନଥିଲେ କାରଣ ଫେବୃଆରୀ 14,1945 ରୁ ଅକ୍ଟୋବର 1945 ଶେଷ ପର୍ଯ୍ୟନ୍ତ ତାଙ୍କ ସେବାରେ ବିରତି ଥିଲା ଏବଂ ଏହା ତାଙ୍କ ନିଯୁକ୍ତିର ନିରନ୍ତରତା ଉପରେ ପ୍ରଭାବ ପକାଇଥିଲା ଯାହା ଧାରା (iii) ଅଧୀନରେ ତାଙ୍କ ଦାବି କରିବା ଅକ୍ଷମ କରିଥିଲା ।ଏହି ଯୁକ୍ତିକୁ ନ୍ୟାୟାଧିକରଣ ଖାରଜ କରିଦେଇଛନ୍ତି ।

ଶ୍ରୀଯୁକ୍ତ ଏସ୍. ଟି. ଦେଶାଇ ଯୁକ୍ତି ବାଢ଼ିଛନ୍ତି ଯେ "ନିରନ୍ତର ସେବା" ଶବ୍ଦକୁ ଧାରା (iii) ଆଧାରରେ ବ୍ୟାଖ୍ୟା କରିବା ସମୟରେ ଆମେ ଧାରା 49B (1) ର ବ୍ୟବସ୍ଥାଗୁଡ଼ିକ ସହିତ ଭାରତୀୟ ଶିଳ୍ପ ଅଧିନିୟମ 1934 (XXV/1934) ଏବଂ ଭାରତୀୟ ଶିଳ୍ପ ଅଧିନିୟମ 1948 ( 63/1948) ର ଧାରା 79 (1) ର ବ୍ୟାଖ୍ୟା ସହିତ, 1954 ମସିହାରେ କରାଯାଇଥିବା ଏହାର ସଂଶୋଧନ ପୂର୍ବର ବ୍ୟାଖ୍ୟା ସହିତ ତୁଳନା କରିବ ; ଏବଂ ସେ ଯୁକ୍ତି ବାଢ଼ିଛନ୍ତି ଯେ କାର୍ଯ୍ୟରୁ ଅନଧିକୃତ ଅନୁପସ୍ଥିତି ସାଧାରଣତଃ ଚାକିରିରେ ବିରାମ ସୃଷ୍ଟି କରିବା ଉଚିତ, ଯାହାଦ୍ୱାରା ଯଦି ଜଣେ କର୍ମଚାରୀ, କାମରୁ ଅନଧିକୃତ ଅନୁପସ୍ଥିତି ରୁହନ୍ତି, ତେବେ ଯଦି ଏପରି ଅନଧିକୃତ ଅନୁପସ୍ଥିତି ପରେ ତାଙ୍କୁ ପୁଣି ଥରେ କାର୍ଯ୍ୟ ଆରମ୍ଭ କରିବାକୁ ଅନୁମତି ଦିଆଯାଏ, ତେବେ ସେ ଚାକିରିରେ ବିରାମକୁ ଦୃଷ୍ଟିରେ ରଖି ନିରନ୍ତର ସେବା ଦାବି କରିବା କରିବାକୁ ହକଦାର ହେବା ଉଚିତ ନୁହେଁ । ଏହା ତର୍କର ସମର୍ଥନରେ, ଏହା ନ୍ୟାୟାଳୟର ନିର୍ଣ୍ଣୟ ଉପରେ ବକିଂହାମ୍ ଏବଂ କାର୍ନାଟିକ୍ କମ୍ପାନୀ ଲିମିଟେଡ୍ ବନାମ ବକିଂହାମ୍ ଏବଂ କାର୍ନାଟିକ୍ କମ୍ପାନୀ ଲିମିଟେଡ୍ ର କର୍ମଚାରୀମାନଙ୍କ ([1]) ମଧ୍ୟରେ ହୋଇଥିବ ମାମଲା ଉପରେ ନିର୍ଭରଶୀଳତା ରଖାଯାଇଛି । ସେହି ମାମଲାରେ ଏହି ନ୍ୟାୟାଳୟ କହିଛନ୍ତି ଯେ

([1]) [1953] S.C.R.219

ବେଆଇନ ଧର୍ମଘଟ ଦ୍ୱାରା ଶ୍ରମିକମାନଙ୍କ ସେବାର ନିରନ୍ତରତା ବାଧାପ୍ରାପ୍ତ ହୋଇଛି ଏବଂ ତେଣୁ ସେମାନେ ଭାରତୀୟ ଶିଳ୍ପ ଅଧିନିୟମର ଧାରା 49B(1) ଅନୁଯାୟୀ ଦରମା ସହିତ ଛୁଟି ଦାବି କରିବା କରିବାକୁ ହକଦାର ନୁହଁନ୍ତି I ତେବେ ଏହା ଧ୍ୟାନ ଦେବାକୁ ହେବ ଯେ ଉକ୍ତ ନିର୍ଣ୍ଣୟରେ ଥିବା "ଧର୍ମଘଟ" ଶବ୍ଦର ସଂଜ୍ଞା, ଶିଳ୍ପ ବିବାଦ ଅଧିନିୟମ 1947ର ଧାରା 2 (q) ଏବଂ ଭାରତୀୟ ଶିଳ୍ପ ଅଧିନିୟମ 1934ର ଧାରା 49- Bର ପ୍ରାସଙ୍ଗିକ ବ୍ୟବସ୍ଥା ଗୁଡିକର ଏକତ୍ର ପଠନ ଉପରେ ଆଧାରିତ। ଯେହେତୁ ଏହି ନ୍ୟାୟାଳୟ ବଜ ବଜ ମ୍ୟୁନିସିପାଲିଟି ବନାମ ପି. ଆର. ମୁଖାର୍ଜୀ ([2])ମାମଲାରେ ରେ ମତ ଦେଇଛନ୍ତି, ଯେ "ସମାନ ଶବ୍ଦର ଅର୍ଥ ଗୋଟିଏ ପ୍ରସଙ୍ଗରେ ଗୋଟିଏ ବିଷୟ ଏବଂ ଭିନ୍ନ ପ୍ରସଙ୍ଗରେ ଅନ୍ୟ କିଛି ହୋଇପାରେ I ଏହି କାରଣରୁ କିଛି ନିର୍ଦ୍ଦିଷ୍ଟ ଶବ୍ଦର ଅର୍ଥ କିମ୍ବା ଅନ୍ୟ ବିଧାନରେ ମିଳୁଥିବା ଶବ୍ଦର ସଂଗ୍ରହ ଉପରେ ନିଷ୍ପତ୍ତି ଗୁଡିକୁ, ଆମର ନିଜସ୍ୱ ଏକ ନିର୍ଦ୍ଧିଷ୍ଟ ବିଧାନ କ୍ଷେତ୍ରରେ ବ୍ୟବହାର ସମୟରେ ମୂଲ୍ୟବାନ ହୁଏ ନାହିଁ; ସେଗୁଡିକ ସହାୟକ ହୋଇପାରେ କିନ୍ତୁ ମାର୍ଗଦର୍ଶକ କିମ୍ବା ଉଦାହରଣ ଭାବରେ ନିଆଯାଇପାରିବ ନାହିଁ I ତେଣୁ, ଶିଳ୍ପ ଆଇନର ପରିପ୍ରେକ୍ଷୀରେ "ନିରନ୍ତର ସେବା" ଶବ୍ଦର ଅର୍ଥ ବର୍ତ୍ତମାନର ଆବେଦନର ପ୍ରସଙ୍ଗ ନିର୍ଣ୍ଣୟ କରିବାରେ କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇ ନପାରେ I

"ନିରନ୍ତର ସେବା" ଅଭିବ୍ୟକ୍ତିର ସଂଜ୍ଞା ବାବଦରେ, ଶିଳ୍ପ ବିବାଦ ଅଧିନିୟମ 1947 ର ଧାରା 2 (eee) ରେ ସମାନ ମନ୍ତବ୍ୟ ପ୍ରଦାନ କରାଯାଇଛି I ଉକ୍ତ ଧାରା ଉଲ୍ଲେଖ କରେ ଯେ "ନିରନ୍ତର ସେବା" ର ଅର୍ଥ ହେଉଛି ନିରବଚ୍ଛିନ୍ନ ସେବା ଏବଂ ଏଥିରେ ଏପରି ସେବା ଅନ୍ତର୍ଭୁକ୍ତ ଯାହା କେବଳ ଅସୁସ୍ଥତା କିମ୍ବା ଅଧିକୃତ ଛୁଟି କିମ୍ବା ଦୁର୍ଘଟଣା କିମ୍ବା ବେଆଇନ ହୋଇନଥିବା ଧର୍ମଘଟ, କିମ୍ବା ତାଲାବନ୍ଦ କିମ୍ବା କାର୍ଯ୍ୟ ବନ୍ଦ କାରଣରୁ ବାଧାପ୍ରାପ୍ତ ହୋଇପାରେ ଯେଉଁଥିରେ ଶ୍ରମିକଙ୍କ ତରଫରୁ କୌଣସି ତ୍ରୁଟି ନଥାଏ ।ଏହି ସଂଜ୍ଞା ନିଃସନ୍ଦେହରେ ଶିଳ୍ପ ବିବାଦ ଅଧିନିୟମ ର ବ୍ୟବସ୍ଥାଗୁଡ଼ିକର ସନ୍ଦର୍ଭରେ ନିରନ୍ତର ସେବାର ପ୍ରଶ୍ନ ସହିତ ମୁକାବିଲା କରିବା ପାଇଁ ପ୍ରାସଙ୍ଗିକ ଅଟେ, କିନ୍ତୁ ଏକ ଶିଳ୍ପ ବିବାଦରେ ଦିଆଯାଇଥିବା ଅଧିନିର୍ଣ୍ଣୟରେ "ନିରନ୍ତର ସେବା" ଶବ୍ଦର ବ୍ୟାଖ୍ୟା ସହିତ ମୁକାବିଲା କରିବାରେ ଏହାର କାର୍ଯ୍ୟକାରିତା ସ୍ୱୟଂଚାଳିତ ଭାବରେ ସମ୍ପ୍ରସାରିତ ହୋଇପାରିବ ନାହିଁ ଯଦି ଏକ ଶିଳ୍ପ ବିବାଦରେ ଦିଆଯାଇଥିବା ଅଧିନିର୍ଣ୍ଣୟଟି, ଯଦି ଅଧିନିର୍ଣ୍ଣୟରେ ବ୍ୟବହୃତ ଅଭିବ୍ୟକ୍ତିର ପୃଷ୍ଠଭୂମି ଏହାକୁ ଯଥାର୍ଥ କରେ ନାହିଁ ।ଅନ୍ୟ ଶବ୍ଦରେ, "ନିରନ୍ତର ସେବା" ଅଭିବ୍ୟକ୍ତିଟିକୁ ବୈଧାନିକ ଭାବରେ ପ୍ରାସଙ୍ଗିକ କ୍ଷେତ୍ରରେ ପ୍ରଦାନ କରାଯାଇଥିବା ସଜ୍ଞା ଆଧାରରେ ବ୍ୟାଖ୍ୟା କରାଯାଇପାରେ I ଉକ୍ତ

([2]) [1953] S.C.R.195, 198

ଅଭିବ୍ୟକ୍ତି ବ୍ୟବହାର କରି ଏକ ଅଧିନିର୍ଣ୍ଣୟ ନିଜେ ସେହି ଅଭିବ୍ୟକ୍ତିର ଏକ ସଂଜ୍ଞା ପ୍ରଦାନ କରିପାରେ ଏବଂ ଏହା ଅଧିନିର୍ଣ୍ଣୟରୁ ଉତ୍ପନ୍ନ ଦାବିଗୁଡ଼ିକର ମୁକାବିଲା କରିବାରେ ପକ୍ଷମାନଙ୍କୁ ବାଧ୍ୟ କରିବ ।ତେବେ, ଯେଉଁ କ୍ଷେତ୍ରରେ ଅଧିନିର୍ଣ୍ଣୟ ଉକ୍ତ ଅଭିବ୍ୟକ୍ତି ବିଷୟରେ ବ୍ୟାଖ୍ୟା କରେ ନାହିଁ ଏବଂ ଅନ୍ୟ ଅଧିନିୟମରେ ଥିବା ବୈଧାନିକ ସଂଜ୍ଞାଗୁଡ଼ିକର କୌଣସି ଗୁରୁତ୍ୱପୂର୍ଣ୍ଣ ସହାୟତା ନିଏ ନାହିଁ, ସେହି କ୍ଷେତ୍ରରେ ନୀତିଗତ ଭାବେ ପ୍ରଶ୍ନଟିକୁ ଅନୁଧ୍ୟାନ କରିବା ଏବଂ କୌଣସି ପ୍ରଦତ୍ତ ରାୟରେ ଉକ୍ତ ଅଭିବ୍ୟକ୍ତିର ଅର୍ଥ କଣ ହେବା ଉଚିତ ତାହା ସ୍ଥିର କରିବା ଆବଶ୍ୟକ ହେବ; ଏବଂ ବର୍ତ୍ତମାନ ମାମଲାରେ, ନ୍ୟାୟାଧିକରଣ ଯଥାର୍ଥ ଭାବରେ ଏହା କରିବାର ଥିଲା ।

"ପୂର୍ବ ସନ୍ଦର୍ଭରେ ନ୍ୟାୟାଧିକରଣ ଦ୍ୱାରା ପ୍ରସ୍ତୁତ ଗ୍ରାଚ୍ୟୁଇଟି ଯୋଜନା ସନ୍ଦର୍ଭରେ "ନିରନ୍ତର ସେବା" ଶବ୍ଦଟି, ନିଯୁକ୍ତିଦାତା ଏବଂ ତାଙ୍କ କର୍ମଚାରୀଙ୍କ ମଧ୍ୟରେ ମାଲିକ ଏବଂ ସେବକଙ୍କ ସମ୍ପର୍କର ନିରନ୍ତରତାକୁ ପ୍ରତିପାଦିତ କରେ । ଯଦି ସେବକ ଇସ୍ତଫା ଦିଅନ୍ତି, ତା "ହେଲେ ତାଙ୍କ ନିଯୁକ୍ତି ସେବା ସ୍ୱତଃ ଶେଷ ହୋଇଯିବ । ଯଦି ନିଯୁକ୍ତିଦାତା ତାଙ୍କ କର୍ମଚାରୀଙ୍କ ସେବା ସମାପ୍ତ କରନ୍ତି ତାହା ମଧ୍ୟ ସେବାର ନିରନ୍ତରତାକୁ ସମାପ୍ତ କରିଥାଏ । ଯଦି କୌଣସି ଆଇନର କାର୍ଯ୍ୟକାରିତା ଦ୍ୱାରା ଜଣେ କର୍ମଚାରୀଙ୍କ ସେବା ସମାପ୍ତ ହୁଏ, ତେବେ ଏହା ଆଉ ଏକ ଉଦାହରଣ ଯେଉଁଠାରେ ନିରବିଚ୍ଛିନ୍ନତା ବାଧାପ୍ରାପ୍ତ ହୁଏ; କିନ୍ତୁ ଏହା କହିବା କଷ୍ଟକର ଯେ କେବଳ ଜଣେ କର୍ମଚାରୀ ଛୁଟି ନନେଇ ଅନୁପସ୍ଥିତ ଥିବାରୁ, ଏହି କର୍ମଚାରୀ ତାଙ୍କ ସେବାର ନିରନ୍ତରତା ସମାପ୍ତ କରିଥିଲେ । ସେହିଭଳି, ଏକ ବେଆଇନ ଧର୍ମଘଟରେ ଅଂଶଗ୍ରହଣ, ଯାହା ବରଖାସ୍ତ ଦ୍ୱାରା ଦଣ୍ଡନୀୟ ହୋଇପାରେ, ତାହା ମାଲିକ ଏବଂ ସେବକଙ୍କ ସମ୍ପର୍କକୁ ସମାପ୍ତ କରିପାରିବ ନାହିଁ । ଯଦି ସେହି ସ୍ଥାୟୀ ଆଦେଶରେ ପ୍ରାସଙ୍ଗିକ ବ୍ୟବସ୍ଥା ଗୁଡିକ ପାଳନ କରାଯାଏ,ତେବେ ଏହା ସେବା ସମାପ୍ତ କରିବା ପାଇଁ ଏହା ଏକ ଭଲ କାରଣ ହୋଇପାରେ; କିନ୍ତୁ କେବଳ ଏକ ବେଆଇନ ଧର୍ମଘଟରେ ଅଂଶଗ୍ରହଣ କରିବା ଦ୍ୱାରା ଗ୍ରାଚ୍ୟୁଇଟି ଉଦ୍ଦେଶ୍ୟରେ ନିରନ୍ତରତାରେ ବାଧାପ୍ରାପ୍ତ ହୋଇଥାଏ ବୋଲି କୁହାଯାଇପାରିବ ନାହିଁ । ଅନ୍ୟପକ୍ଷରେ, ଯଦି ଜଣେ କର୍ମଚାରୀ ଛୁଟି ନନେଇ ଏବଂ ଏତେ ଦୀର୍ଘ ସମୟ ପାଇଁ ଅନଧିକୃତ ଭାବରେ କର୍ତ୍ତବ୍ୟରୁ ଅନୁପସ୍ଥିତ ରହନ୍ତି ଯେ ତାଙ୍କ ଅନୁପସ୍ଥିତିରେ ସେ ସେବା ପରିତ୍ୟାଗ କରିଛନ୍ତି ବୋଲି ଯୁକ୍ତିଯୁକ୍ତ ଭାବରେ ଏକ ଅନୁମାନ ନିଆଯାଇପାରେ, ତେବେ ଏହିପରି ଦୀର୍ଘ ଅନଧିକୃତ ଅନୁପସ୍ଥିତି ବୈଧ ଭାବରେ ସେବାର ନିରନ୍ତରତାରେ ବିରାମ ସୃଷ୍ଟି କରିପାରେ । ତେଣୁ ପ୍ରତ୍ୟେକ ମାମଲାର ପରିସ୍ଥିତି ଉପରେ ନିଷ୍ପତ୍ତି ନେବା ସମୟରେ ଏହା ସର୍ବଦା ଏକ ତଥ୍ୟଗତ ପ୍ରଶ୍ନ ହେବ ଯେ, ଜଣେ ନିର୍ଦ୍ଦିଷ୍ଟ କର୍ମଚାରୀ ଆବଶ୍ୟକ ଅବଧି ପାଇଁ ସେବାର ନିରନ୍ତରତା ଦାବି କରିବା କରିପାରିବେ କି

1961
ମେସର୍ସ ଜୀବନଲାଲ (1929) ଲିମିଟେଡ୍, କଲକତା
ବନାମ
ଏହାର ଶ୍ରମିକ

ନାହିଁ । ତେଣୁ, ଆମ ମତ, ନ୍ୟାୟାଧିକାରଣଙ୍କ ଦ୍ୱାରା ନିଆଯାଇଥିବା ମତଟି ସାରତଃ ଠିକ୍ ଅଟେ, ଯଦିଓ ଆମେ ଏହା ସ୍ପଷ୍ଟ କରିବାକୁ ଚାହୁଁ ଯେ ନ୍ୟାୟାଧିକାରଣଙ୍କ ଅନୁଯାୟୀ ସେବାର ନିରନ୍ତରତା ସମାପ୍ତ ହେବା ବିଷୟ ସହିତ ଅନ୍ୟ କିଛି ବିଷୟ ରହିବା ଯେଉଁଠାରେ ଦୀର୍ଘ ଅନଧିକୃତ ଅନୁପସ୍ଥିତି ଯୁକ୍ତିଯୁକ୍ତ ଭାବରେ ଏକ ଅନୁମାନକୁ ଆଣିପାରେ ଯେ ଏହିପରି ସେବା କର୍ମଚାରୀଙ୍କ ଦ୍ୱାରା ପରିତ୍ୟାଗ କରାଯାଇଛି । ଏହା ପରିବର୍ତ୍ତନ ସହିତ ଆମେ ଅଧିନିର୍ଣ୍ଣୟକୁ ସୁନିଶ୍ଚିତ କରୁଛୁ ଏବଂ ଆବେଦନକୁ ଖାରଜ କରୁଛୁ । ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ ।

ଆବେଦନକୁ ଖାରଜ କରାଗଲା ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।